# NATIONAL NEWS BULLETIN (ODIA)

## 17 June - 2024

## Morning Bulletin : 7.15 a.m.

**********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ପୁଣିଥରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ସିକ୍କିମର ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ ଅଞ୍ଚଳରେ ଅଟକି ରହିଥିବା ପର୍ଯ୍ୟଟକଙ୍କ ଉଦ୍ଧାର କାର୍ଯ୍ୟ ଜାରି ।
- ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି କୃଷି ଗବେଷଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ, କହିଲେ କେନ୍ଦ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂ ବାଘେଲ ।
- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ଇଦ୍ ଉଲ୍ ଅଦ୍‌ହା

ଏବଂ

- ଦିନିକିଆ ଆନ୍ତର୍ଜାତିକ ମହିଳା କ୍ରିକେଟ୍ ସିରିଜର ପ୍ରଥମ ମ୍ୟାଚ୍‌ରେ ଭାରତ ଦକ୍ଷିଣ ଆଫ୍ରିକା ବିରୁଦ୍ଧରେ ୧୪୩ ରନ୍‌ରେ ବିଜୟୀ ।

# ପିଏମ୍-ମନ୍ କି ବାତ୍

ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣିଥରେ ଦେଶବାସୀଙ୍କ ସହ ଭାବ ବିନିମୟ କରିବେ। ଏହି ପରିପ୍ରେକ୍ଷୀରେ ଆସନ୍ତା ୩୦ ତାରିଖ ରବିବାର ଦିନ ପ୍ରଧାନମନ୍ତ୍ରୀଙ୍କର 'ମନ୍ କି ବାତ୍' କାର୍ଯ୍ୟକ୍ରମ ପ୍ରସାରିତ ହେବ । ଏହା ହେବ ମନ୍ କି ବାତ୍ର ୧୧୧ତମ କାର୍ଯ୍ୟକ୍ରମ । ପ୍ରଧାନମନ୍ତ୍ରୀ ଭାବେ ତୃତୀୟଥର ପାଇଁ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ହେବ ଶ୍ରୀ ମୋଦୀଙ୍କର ପ୍ରଥମ ମନ୍ କି ବାତ୍ କାର୍ଯ୍ୟକ୍ରମ । ନିଃଶୁଳ୍କ ନମ୍ବର ୧୮୦୦-୧୧-୭୮୦୦କୁ ଡାଏଲ କରି ସେମାନେ ସେମାନଙ୍କର ସନ୍ଦେଶ ହିନ୍ଦୀ କିମ୍ବା ଇଂରାଜୀରେ ରେକର୍ଡ କରିପାରିବେ । ଏଥିପାଇଁ ନରେନ୍ଦ୍ର ମୋଦୀ ଆପ୍ କିମ୍ବା My Gov Open Forumରେ ପ୍ରଧାନମନ୍ତ୍ରୀ ଲୋକମାନଙ୍କଠାରୁ ଆସନ୍ତା ୨୮ ତାରିଖ ସୁଦ୍ଧା ମତାମତ ଆହ୍ୱାନ କରିଛନ୍ତି।

ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନ ମାଧ୍ୟମରେ ତଥା AIR ନ୍ୟୁଜ୍ ୱେବ୍ସାଇଟ୍ newsonair ମୋବାଇଲ୍ ଆପ୍ରେ ପ୍ରସାରିତ ହେବ । AIR ନ୍ୟୁଜ୍, DD News ଏବଂ ପିଏମ୍ଓ ଅଫିସ୍ର ୟୁ-ଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ଉପଲବ୍ଧ ହେବ । ପ୍ରଧାନମନ୍ତ୍ରୀଙ୍କ ହିନ୍ଦୀ ଅଭିଭାଷଣ ପରେ ପରେ ଏହାର ଆଞ୍ଚଳିକ ଭାଷାନ୍ତର ପ୍ରସାରଣ କରାଯିବ ।

## ଅମରନାଥ ଯାତ୍ରା

ଚଳିତବର୍ଷ ଅମରନାଥ ଯାତ୍ରା ପାଇଁ ହେଲିକପ୍ଟର ସେବାର ଅନ୍‌ଲାଇନ୍ ବୁକିଂ ଆରମ୍ଭ ହୋଇଛି । ଶ୍ରୀଅମରନାଥ ମନ୍ଦିର ବୋର୍ଡ-ଏସ୍.ଏ.ଏସ୍.ବି. ପକ୍ଷରୁ ଉଭୟ ବାଲତାଲ ଓ ପହଲଗାଓଁ ରୁଟ୍‌ରେ ଏଇ ସେବା ଉପଲବ୍ଧ କରାଯାଇଛି । ଏସ୍.ଏ.ଏସ୍.ବି. ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ ଚଳିତବର୍ଷ ଶ୍ରୀଅମରନାଥ ଯାତ୍ରା ଆସନ୍ତା ୨୯ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ମାସ ୧୯ ତାରିଖ ରାକ୍ଷୀ ପୂର୍ଣ୍ଣମୀ ତଥା ଶ୍ରାବଣ ପୂର୍ଣ୍ଣିମା ଦିନ ଶେଷହେବ । ଏହି ହେଲିକପ୍ଟର ସେବାର ଅନ୍‌ଲାଇନ୍ ବୁକିଂ କେବଳ ୱେବ୍‌ସାଇଟ୍ **jksasb.nic.in** ମାଧ୍ୟମରେ ହୋଇପାରିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

## ରିଜିଜୁ-ଖଡ଼୍‌ଗେ ମିଟିଂ

ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ରାଜ୍ୟସଭାର ବିରୋଧୀଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେଙ୍କୁ ଗତକାଲି ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ଶ୍ରୀ ରିଜିଜୁ କହିଛନ୍ତି ଯେ ସେ ଏହି ଅବସରରେ ଶ୍ରୀ ଖଡ଼୍‌ଗେଙ୍କ ସହ ତାଙ୍କ ଜୀବନର ଅନେକ ଉତ୍ତମ ଅନୁଭୂତି ସଂପର୍କରେ ଆଲୋଚନା କରିଛନ୍ତି । ଆସନ୍ତା ୨୪ ତାରିଖ ଦିନ ଅଷ୍ଟାଦଶ ଲୋକସଭାର ପ୍ରଥମ ଅଧିବେଶନ ଆରମ୍ଭ ହେବା ପରିପ୍ରେକ୍ଷୀରେ ଉଭୟ ନେତାଙ୍କ ମଧ୍ୟରେ

ଏହି ସାକ୍ଷାତ ହୋଇଛି । ସବୁ ରାଜନୈତିକ ଦଳ ଦେଶ ପାଇଁ ଏକାଠି କାମ କରିବେ ବୋଲି ଶ୍ରୀ ରିଜିଜୁ ଆଶା ବ୍ୟକ୍ତ କରିଛନ୍ତି । ଆସନ୍ତା ଅଧିବେଶନରେ ନବନିର୍ବାଚିତ ସାଂସଦମାନଙ୍କର ଶପଥଗ୍ରହଣ ହେବା ସହିତ ବାଚସ୍ପତି ନିର୍ବାଚନ ହେବ । ଏହି ଅବସରରେ ଉଭୟ ଗୃହର ମିଳିତ ସଭାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସମ୍ବୋଧନ କରିବେ । ରାଜ୍ୟସଭାର ପ୍ରଥମ ଅଧିବେଶନ ୨୭ ତାରିଖ ଦିନ ଆରମ୍ଭ ହେବାକୁ ଥିବା ବେଳେ ସଂସଦର ଅଧିବେଶନ ଜୁଲାଇ ୩ ତାରିଖରେ ଶେଷ ହେବ ।

## ଇଦ୍

ସମଗ୍ର ଦେଶରେ ଆଜି ଇଦ୍‌ଉଲ୍ ଅଦ୍‌ହା ପାଳନ କରାଯାଉଛି । ମୁସଲମାନ ଧର୍ମାବଲମ୍ବୀ ଭାଇ ଓ ଭଉଣୀମାନେ ବିଭିନ୍ନ ଇଦ୍‌ଗାହା ଓ ମସ୍‌ଜିଦରେ ସମୂହ ନମାଜପାଠ କରୁଛନ୍ତି । ଦିଲ୍ଲୀରେ ଜାମା ମସ୍‌ଜିଦ୍, ଫତେପୁରୀ ମସ୍‌ଜିଦ ଏବଂ ସାହି ଇଦ୍‌ଗାହାରେ ସମୂହ ଇଦ୍ ପ୍ରାର୍ଥନାର ଆୟୋଜନ କରାଯାଇଛି ।

ଉତ୍ତରପ୍ରଦେଶରେ ଏଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଆମ ସମ୍ବାଦଦାତାଙ୍କ ସୂଚନା ଅନୁଯାୟୀ ଲକ୍ଷ୍ନୌର ପ୍ରସିଦ୍ଧ ତେଲିଓ୍ୱାଲି ମସ୍‌ଜିଦ୍‌ରେ ଆଜି ସକାଳ ୯ଟାରେ ଏବଂ ଏଇସ୍‌ବାଗ୍ ମସ୍‌ଜିଦ୍‌ରେ ପୂର୍ବାହ୍ନ ୧୦ଟାରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହେବ । ରାଜ୍ୟ ସରକାର ସମସ୍ତ ଜିଲ୍ଲା ପୋଲିସ୍ ମୁଖ୍ୟଙ୍କୁ ପଶୁବଳି ସଂପର୍କରେ ନିର୍ଦ୍ଦେଶନାମା ଜାରି କରିଛନ୍ତି । ସେହି ଅନୁଯାୟୀ ପୂର୍ବ ନିର୍ଦ୍ଧାରିତ ସ୍ଥାନ

ବ୍ୟତିରେକ ଅନ୍ୟତ୍ର ପଶୁବଳି କରାଯିବା ଉପରେ ପ୍ରତିବନ୍ଧକ ଲଗାଯାଇଛି । ଉତ୍ତେଜନାପ୍ରବଣ ସ୍ଥାନଗୁଡ଼ିକରେ ପୋଲିସ୍ ପକ୍ଷରୁ ସ୍ୱତନ୍ତ୍ର ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଅବସରରେ ଲୋକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ମନୋଜ ପାଣ୍ଡେ-ଶାହା

ସେନାବାହିନୀ ମୁଖ୍ୟ ଜେନେରାଲ୍ ମନୋଜ ପାଣ୍ଡେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଗତକାଲି ନୂଆଦିଲ୍ଲୀରେ ସାକ୍ଷାତ କରିଛନ୍ତି । ଶ୍ରୀ ଶାହାଙ୍କ ଅଧ୍ୟକ୍ଷତାରେ ଜାମ୍ମୁ ଓ କାଶ୍ମୀରର ସୁରକ୍ଷା ଓ ଅମରନାଥ ଯାତ୍ରା ସଂପର୍କିତ ଦୁଇଟି ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ଯୋଗଦେବା ପରେ ଶ୍ରୀ ପାଣ୍ଡେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିଥିଲେ ।

ସୂଚନାଯୋଗ୍ୟ ଜେନେରାଲ୍ ପାଣ୍ଡେ ଚଳିତମାସ ୩୦ ତାରିଖ ଦିନ ଅବସର ଗ୍ରହଣ କରିବେ ।

## ହଜ୍

ସାଉଦିଆରବରେ ହଜ୍ ଯାତ୍ରା ଅବସରରେ ପ୍ରବଳ ଗରମ ଯୋଗୁଁ ବହୁ ତୀର୍ଥଯାତ୍ରୀଙ୍କର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେଇଛି । ମୃତାହତଙ୍କର ସଂଖ୍ୟା ନେଇ ସ୍ପଷ୍ଟଚିତ୍ର ହସ୍ତଗତ ହୋଇ ନଥିଲେ ମଧ୍ୟ ଜୋର୍ଡାନର ବୈଦେଶିକ ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ ଏହାର ୧୪ ଜଣ ନାଗରିକଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ବେଳେ ୧୭ ଜଣ

ନିଖୋଜ ଅଛନ୍ତି । ଇରାନର ରେଡ୍ କ୍ରେସେଣ୍ଟ ଅନୁଷ୍ଠାନ ସେହି ଦେଶର ୫ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା କହିଛି । ତେବେ ସେହି ୫ଜଣଙ୍କର ମୃତ୍ୟୁର କାରଣ ସଂପର୍କରେ ଜଣାପଡ଼ି ନାହିଁ । ଜୋର୍ଡାନର ସରକାରୀ ସୂତ୍ରରୁ ଜଣାପଡ଼ିଛି ନିଖୋଜଙ୍କୁ ଖୋଜି ବାହାର କରିବା ଲାଗି ଅଭିଯାନ ଜାରି ରହିଛି ।  ଜୋର୍ଡାନ ବୈଦେଶିକ ମନ୍ତ୍ରଣାଳୟ ସାଉଦିଆରବର କର୍ତ୍ତୃପକ୍ଷଙ୍କ ସହ ଏ ସଂପର୍କରେ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି ।

ସୂଚନାଯୋଗ୍ୟ ଚଳିତବର୍ଷ ୧୦ ଲକ୍ଷ ୮୦ ହଜାର ତୀର୍ଥଯାତ୍ରୀ ହଜ୍‌ରେ ଏକତ୍ରିତ ହୋଇଛନ୍ତି । ଚଳିତ ସପ୍ତାହରେ ସେଠାରେ ତାପମାତ୍ରା ୪୬ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରୁ ଅଧିକ ରହୁଥିବାରୁ ତୀର୍ଥଯାତ୍ରୀ ବିଶେଷକରି ବୟସ୍କ ଲୋକମାନେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି । ଏହି ଯାତ୍ରା ଆସନ୍ତା ବୁଧବାର ଦିନ ଶେଷ ହେବ । ସାଉଦିଆରବର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ସଂପର୍କିତ ପରାମର୍ଶବଳି ଜାରି କରାଯାଇଛି । ଦିନର ଅତ୍ୟଧିକ ଗରମ ସମୟରେ ତୀର୍ଥଯାତ୍ରୀମାନଙ୍କୁ ବାହାରେ ନ ରହିବା ପାଇଁ କୁହାଯାଇଛି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ସିଧାସଳଖ ଫୋନ୍-ଇନ୍ କାର୍ଯ୍ୟକ୍ରମ 'ପବ୍ଲିକ୍ ସ୍ପିକ୍'ରେ ଆଜି ରାତି ସାଢ଼େ ୯ଟାରେ 'ସ୍ୱାସ୍ଥ୍ୟ ଏବଂ ସୁସ୍ଥତା ପାଇଁ ଯୋଗ' ଶୀର୍ଷକ କାର୍ଯ୍ୟକ୍ରମ ପ୍ରସାରଣ କରାଯିବ। ଏଥିରେ ଯୋଗ ବିଶେଷଜ୍ଞ ଡାକ୍ତର ସୁରକ୍ଷିତ ଗୋସ୍ୱାମୀ ଏବଂ ମୋରାଜୀ ଦେଶାଇ ଜାତୀୟ

ଯୋଗ ପ୍ରତିଷ୍ଠାନର ଯୋଗ ଥେରାପିର ପ୍ରୋଗ୍ରାମ ଅଫିସର ଡକ୍ଟର ଈଶ୍ୱର ଏନ୍ ଆଚାର୍ଯ୍ୟ ଅଂଶଗ୍ରହଣ କରିବେ ।

ଏହି କାର୍ଯ୍ୟକ୍ରମରେ ଶ୍ରୋତାମାନେ ଯୋଗର ବିଭିନ୍ନ ଦିଗ ଯଥା ଏହାର ମହତ୍ତ୍ୱ ଓ ଉପକାରିତା ସମ୍ପର୍କରେ ବିଶେଷଜ୍ଞମାନଙ୍କୁ ପ୍ରଶ୍ନ ପଚାରି ପାରିବେ। ଆଜି ରାତି ସାଢ଼େ ୯ଟାରୁ ଟେଲିଫୋନ୍ ନମ୍ବର ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ମାଧ୍ୟମରେ ଶ୍ରୋତା ସିଧାସଳଖ ପ୍ରଶ୍ନ କରିପାରିବେ। ସେହିପରି ୯୨୮୯୦୯୪୦୪୪ ନମ୍ବରକୁ ମଧ୍ୟ ହ୍ୱାଟସଆପ୍ ମାଧ୍ୟମରେ ପ୍ରଶ୍ନ ପଚରାଯାଇ ପାରିବ ।

ଏହି କାର୍ଯ୍ୟକ୍ରମ ଆକାଶବାଣୀର ଗୋଲ୍ଡ ଚ୍ୟାନେଲ ଏବଂ ଅତିରିକ୍ତ ଫ୍ରିକ୍ୱେନ୍ସି ମାଧ୍ୟମରେ ସିଧାସଳଖ ପ୍ରସାରଣ କରାଯିବ। ଏହାବ୍ୟତୀତ, ଆପଣ ଏହି ପ୍ରୋଗ୍ରାମକୁ ଆମ ୱେବସାଇଟରେ, **air.gov.in**ରେ ଏବଂ ଆକାଶବାଣୀର ୟୁଟ୍ୟୁବ୍ ଚ୍ୟାନେଲ୍ **newsonair** ଅଫିସିଆଲ ଆପ୍‌ରେ ମଧ୍ୟ ପାଇପାରିବେ।

## କେନ୍ଦ୍ରମନ୍ତ୍ରୀ ଏସ୍‌ପି. ସିଂ ବାଘେଲ-ସିଫା

କେନ୍ଦ୍ର ମତ୍ସ୍ୟପାଳନ, ପ୍ରାଣୀସମ୍ପଦ ଏବଂ ଦୁଗ୍ଧ ଉତ୍ପାଦନ ଓ ପଞ୍ଚାୟତିରାଜ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଏସ୍.ପି. ସିଂ ବାଘେଲ ଗତକାଲି ଭୁବନେଶ୍ୱର ଉପକଣ୍ଠ କୌଶଲ୍ୟାଗଙ୍ଗ ଠାରେ ଥିବା ଆଇ.ସି.ଏ.ଆର୍. କେନ୍ଦ୍ରୀୟ ମଧୁର ଜଳଜୀବ ପାଳନ ପ୍ରତିଷ୍ଠାନ ପରିଦର୍ଶନ କରିଥିଲେ । ଏହି ଅବସରରେ ଚାରା ରୋପଣ ସହ ଶ୍ରୀ ବାଘେଲ ସେଠାରେ ଚାଲିଥିବା ଗବେଷଣା

କାର୍ଯ୍ୟର ମଧ୍ୟ ସମୀକ୍ଷା କରିଥିଲେ । ପ୍ରତିଷ୍ଠାନ ଦ୍ୱାରା ବିକଶିତ ହୋଇଥିବା ବିଭିନ୍ନ ଯନ୍ତ୍ରପାତି, ବିହନ ସୃଷ୍ଟି ଥେରାପି ସଂପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ସମୀକ୍ଷା ବୈଠକରେ ମନ୍ତ୍ରୀ ଶ୍ରୀ ବାଘେଲ ଭାରତକୁ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି କୃଷି ଗବେଷଣା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ ବୋଲି କହିଥିଲେ । ଏହି ବୈଠକରେ ଓଡ଼ିଶା ସରକାରଙ୍କ ମତ୍ସ୍ୟପାଳନ ଏବଂ ପ୍ରାଣୀ ସମ୍ପଦ ବିଭାଗ ଓ ଆଇ.ସି.ଏ.ଆର୍.ର ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ ।

## ସିକ୍କିମ ଇଭାକୁଏସନ୍

ସିକ୍କିମର ବନ୍ୟା ଏବଂ ଭୂସ୍ଖଳନ ପ୍ରଭାବିତ  ମଙ୍ଗନ ଜିଲ୍ଲାରେ  ଏବେ ମଧ୍ୟ ଅଟକି ରହିଥିବା ୧୨ଶହରୁ ଊର୍ଦ୍ଧ୍ୱ ପର୍ଯ୍ୟଟକଙ୍କୁ ଉଦ୍ଧାର କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଗତକାଲି ପ୍ରତିକୂଳ ପାଗ ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା ବୋଲି ଚୁଙ୍ଗଥାଙ୍ଗର ଉପଖଣ୍ଡସ୍ତରୀୟ ମାଜିଷ୍ଟ୍ରେଟ୍ କିରନ ଥତାଲ କହିଛନ୍ତି । ସେ କହିଛନ୍ତି ପାଗ ପରିସ୍ଥିତିକୁ ଦେଖି ଆଜି ଏୟାରଲିଫ୍ଟ ଏବଂ ସଡ଼କପଥରେ ଉଦ୍ଧାର କାର୍ଯ୍ୟକୁ ଜୋରଦାର କରାଯିବ । ଲାଚୁଙ୍ଗ ସହରର ହୋଟେଲ୍ ଗୁଡ଼ିକରେ ବହୁ ପର୍ଯ୍ୟଟକ ସୁରକ୍ଷିତ ଅବସ୍ଥାରେ ଅଛନ୍ତି ବୋଲି ସେ କହିଛନ୍ତି । ଜିଲ୍ଲା ପ୍ରଶାସନ ଏ ନେଇ ଯୋଗାଯୋଗରେ ରହିଥିବା ସେ ସୂଚନା ଦେଇଛନ୍ତି । ଇତିମଧ୍ୟରେ ରାଜ୍ୟ ସଡ଼କ ଯୋଗାଯୋଗ ମନ୍ତ୍ରୀ ଏନ୍.ବି. ଦହଲ ଲାଚୁଙ୍ଗରେ ପହଞ୍ଚି ପର୍ଯ୍ୟଟକଙ୍କ ସହ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ସୁରକ୍ଷିତ ଭାବେ

ସେମାନଙ୍କୁ ସେଠାରୁ ଉଦ୍ଧାର କରିବା ଲାଗି ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି ବୋଲି ସେ ଆଶ୍ୱାସନା ଦେଇଛନ୍ତି । ଏହି ପର୍ଯ୍ୟଟକଙ୍କ ମଧ୍ୟରେ ୧୫ ଜଣ ବିଦେଶୀ ନାଗରିକ ଅଛନ୍ତି । ଭୂସ୍ଖଳନ ଯୋଗୁଁ ବ୍ୟାହତ ହୋଇଥିବା ସଡ଼କ ଯୋଗାଯୋଗକୁ ପୁନଃ ସ୍ଥାପିତ କରିବା ଲାଗି ସୀମା ସଡ଼କ ଯୋଗାଯୋଗ ସଂସ୍ଥା କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଛନ୍ତି ।

# ୱିମେନ କ୍ରିକେଟ୍

ଭାରତ-ଦକ୍ଷିଣ ଆଫ୍ରିକା ମଧରେ ତିନିଟିକିଆ ଦିନିକିଆ ମହିଳା କ୍ରିକେଟ୍ ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ  ଗତକାଲି ଭାରତ ଦକ୍ଷିଣ ଆଫ୍ରିକାକୁ ୧୪୩ ରନ୍‌ରେ ହରାଇ ଦେଇଛି ।  ବେଙ୍ଗାଲୁରୁର ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଭାରତୀୟ ମହିଳା ଦଳ ବ୍ୟାଟିଂ ଆରମ୍ଭ କରିଥିଲା । ଓପନର ସ୍ମୃତି ମାନ୍‌ଧାନାଙ୍କ ଶତକ ବଳରେ ଭାରତ ୮ ୱିକେଟ୍‌ରେ ୨୬୫ ରନ୍ କରିଥିଲା । ପରେ ଦକ୍ଷିଣ ଆଫ୍ରିକା ୩୭ ଓଭର ଓ ୪ଟି ବଲ୍‌ରେ ୧୨୨ ରନ୍ କରି ଅଲ୍ ଆଉଟ୍ ହୋଇଯାଇଥିଲା ।

ଦକ୍ଷିଣ ଆଫ୍ରିକାର ଚଳିତ ଭାରତ ଗସ୍ତ ସିରିଜ୍‌ରେ ଗୋଟିଏ ଟେଷ୍ଟ ମ୍ୟାଚ୍, ୩ଟି ଦିନିକିଆ ଆନ୍ତର୍ଜାତିକ ଏବଂ ୩ଟି ଟି-ଟ୍ୱେଣ୍ଟି ମ୍ୟାଚ୍ ଖେଳିବ ।